A Newsletter of TPSODL

# ଅରୁଣିମା
# Arunima

Vol-1 | Issue 2 | December 2023

## ଆସିକାରେ ନୂତନ ଗ୍ରାହକ ସେବା କେନ୍ଦ୍ର



ଉପଭୋକ୍ତାଙ୍କ ସନ୍ତୁଷ୍ଟି ଆଉ ଗୁଣାତ୍ମକ ବିଦ୍ୟୁତ ଯୋଗାଣ - ଏହି ଦୁଇଟି ଟିପିଏସ୍ଓଡିଏଲ୍‌ର ମୂଳ ଲକ୍ଷ୍ୟ। ଯାହା ପ୍ରେରିତ କରେ ଗ୍ରାହକ ସେବା କ୍ଷେତ୍ରରେ ନୂଆ ପଦକ୍ଷେପ ନେବା ପାଇଁ । ସେବାରେ ଉତ୍କର୍ଷତା ହାସଲ ଦିଗରେ ଆଉ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛି ଆମ ଟିପିଏସ୍ଓଡିଏଲ୍ । ବ୍ରହ୍ମପୁର, ଜୟପୁର, ପାରଳାଖେମୁଣ୍ଡି, ରାୟଗଡ଼ା,ହିଞ୍ଜିଳିକାଟୁ ପରେ ଏବେ ଆସିକାରେ ଷଷ୍ଠ ଗ୍ରାହକ ସମ୍ପର୍କ କେନ୍ଦ୍ର ଖୋଲିଛି। ଟାଟା ପାୱାରର ସଭାପତି (ସଞ୍ଚାରଣ ଓ ବିତରଣ) ଶ୍ରୀ ସଞ୍ଜୟ ବାଙ୍ଗା ଏବଂ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ ଗର୍ଗ ଏହାକୁ ଉଦଘାଟନ କରିଛନ୍ତି।

ଏହା ଉପଭୋକ୍ତାଙ୍କ ଅଭିଯୋଗ, ସମସ୍ୟା, ବିଦ୍ୟୁତ ସଂକ୍ରାନ୍ତୀୟ ପ୍ରଶ୍ନର ଏକକ ସମାଧାନ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏଠାରେ ଉପଭୋକ୍ତା ସହଜରେ ବିଦ୍ୟୁତ ଦେୟ ପୈଠ କରିପାରିବେ। ଅଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଗ୍ରାହକ ସେବା କେନ୍ଦ୍ରରେ ଉପଭୋକ୍ତାଙ୍କ ସକାଶେ ପାନୀୟ ଜଳ, ଶୀତତାପ ନିୟନ୍ତ୍ରିତ ପ୍ରତୀକ୍ଷା କକ୍ଷ,ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଡେସ୍କ, କିଓସ୍କ, ବିଦ୍ୟୁତ ସେବା ସମ୍ବନ୍ଧୀୟ ସୂଚନା ପାଇଁ ଏଲଇଡି ସ୍କ୍ରିନ ବ୍ୟବସ୍ଥା ରହିଛି।

ଏହି କେନ୍ଦ୍ରର ଉଦଘାଟନ ଗ୍ରାହକ ସେବାକୁ ଅଧିକ ସଶକ୍ତ କରିବା ସହ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା କ୍ଷେତ୍ରରେ ବିଶେଷ ଭାବେ ସହାୟକ ହୋଇପାରିଛି। ଉପଭୋକ୍ତା ସନ୍ତୁଷ୍ଟି ଓ ସେବାରେ ଉତ୍କର୍ଷତା ସହ ଡିଜିଟାଲ ମାଧ୍ୟମକୁ ପ୍ରୋତ୍ସାହନ ଉପରେ ଏହି କେନ୍ଦ୍ର ଗୁରୁତ୍ୱ ଦେଉଅଛି।

## WHAT'S INSIDE


- EXECUTIVE SPOTLIGHT 2
  ଏଥର ଆଳାପରେ ନୀତିନ ବସନ୍ତ ନିକୁମ୍ଭ
- OPERATIONAL EXCELLENCE 3
  କର୍ମକ୍ଷେତ୍ରରେ କୁଶଳତା ଓ ସୁରକ୍ଷାକୁ ପ୍ରାଥମିକତା
- EVENT HUB 4
  Annual Badminton Competition
- CONSUMER CONNECT 5
  ଦୁର୍ନୀତି ନିବାରଣ ମାସ ପାଳିତ
- EMPOWERING COMMUNITY 6
  ଗ୍ରାମାଞ୍ଚଳରେ ଡିଜିଟାଲ ସାକ୍ଷରତା ଅଭିଯାନ
- HERITAGE CORNER 7
  ପୂର୍ବଘାଟର ରୂପ-ରହସ୍ୟ "ମହେନ୍ଦ୍ରଗିରି"


## CEO's Desk



As the year comes to a close, I would want to extend my heartfelt appreciation to each devoted team member for their vital contributions to our shared adventure in the power industry. This pivotal month ushers in a new era for us, distinguished by an innovative attitude and a relentless quest of excellence that sets the tone for our collective progress. The opening of Aska CRC demonstrates our dedication to improving the customer experience. Our strategic engagement with SBI to improve payment options demonstrates our ongoing commitment to improving client convenience.

The opening of the HoTT Centre for Safety Training and Technical Excellence and the TPSODL Safety Walkathon, both of which prioritize safety, unites all stakeholders in our commitment to a secure workplace.

Let us move forward with confidence, cultivating a culture of continual innovation, and pushing the limits of what we can do together. Our incredible adventure demonstrates this great team's tremendous strength and coordination.

**- Amit Kumar Garg**

## Executive Spotlight

# ଓଡ଼ିଶା ସବୁଦିନେ ଚମତ୍କାର : ନୀତିନ ବସନ୍ତ ନିକୁମ୍ଭ

**ଟିପିଏସ୍‌ଓଡିଏଲର ଟେକ୍ନୋଲୋଜି ବିଭାଗର ଚିଫ୍ ଅଛନ୍ତି ନୀତିନ ବସନ୍ତ ନିକୁମ୍ଭ। ଶକ୍ତି କ୍ଷେତ୍ରରେ ପାଖାପାଖି ଚାରି ଦଶନ୍ଧିର ଅନୁଭୂତି ତାଙ୍କର। ଦେଶର ଅନେକ ସ୍ଥାନରେ ସେ କାର୍ଯ୍ୟ କରିଛନ୍ତି। ଏଥର "ଆଳାପ"ରେ ତାଙ୍କ ସହ କଥାବାର୍ତ୍ତା:-**

**୧. ପ୍ରଶ୍ନ - ପାଖାପାଖି ୩୭ ବର୍ଷର ଚାକିରି ଜୀବନ ଟାଟା ପାୱାରରେ। ଏଡ଼େ ଲମ୍ବା ସମୟକୁ ଆପଣ କେମିତି ଦେଖନ୍ତି ଓ ଅନୁଭବ କରନ୍ତି?**

ଉତ୍ତର - ମୋର ୩୭ ବର୍ଷର ଏହି ଯାତ୍ରା ବାସ୍ତବରେ ଉଲ୍ଲେଖନୀୟ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ କଲେଜ ଅଫ୍ ଇଞ୍ଜିନିୟରିଂରୁ ପାସ୍ କରିବା ପରେ ୧୯୮୬ ମସିହାରେ ଟାଟା ପାୱାରକୁ ଆସିଲି। ଭିନ୍ନ ଭିନ୍ନ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟ କରିବା ସହ ଭିନ୍ନ ପ୍ରକାରର ଦାୟିତ୍ୱ ମଧ୍ୟ ସମ୍ପାଦନ କରିଛି । ସେହି ଅନୁସାରେ ଲୋକଙ୍କ ପାଇଁ କାମ କରିବାର ମାନସିକତା ଦୃଢ଼ ଓ ଶକ୍ତ ହୋଇଛି। ଶେଷରେ କେବଳ ଏତିକି କହିବି, ଗଲା ୩୭ ବର୍ଷ ଭଲରେ କଟିଛି ।



**୨. ପ୍ରଶ୍ନ - ଅନେକ ସମୟରେ ଦେଖାଯାଏ ଚାକିରି ଓ ପରିବାର ଭିତରେ ସନ୍ତୁଳନ ରଖିବା ଟିକେ କଷ୍ଟ ହୋଇପଡ଼େ। ଆପଣ ଏସବୁକୁ କେମିତି ସାଙ୍ଗରେ ଧରି ରାସ୍ତା ଚାଲିଲେ?**

ଉତ୍ତର - ମୁଁ କହିଦିଏ - ମୋ' ଜୀବନ ମୂଲ୍ୟବୋଧର କେନ୍ଦ୍ରରେ ମୋର ପରିବାର ରହିଛି । ମୋ ବାବା ଭାରତୀୟ ରେଳବାଇରେ ଥିଲେ , ମାଆ ଥିଲେ ଶିକ୍ଷୟିତ୍ରୀ। ଭାଇ ଭଉଣୀଙ୍କୁ ନେଇ ଆମର ଭରପୂର ପରିବାର। ତେଣୁ ପିଲାବେଳରୁ ଭାଇ ଭଉଣୀ ଓ ସାଙ୍ଗମାନଙ୍କ ମେଳରେ ସମୟ ସବୁ କଟିଥିଲା। ମୋର ଦି' ଝିଅ କର୍ମ ଜୀବନରେ ବ୍ୟସ୍ତ। ପତ୍ନୀ ସ୍ନେହା ଜଣେ ଯୋଗ ଟିଚର୍ ଓ ଥେରାପିଷ୍ଟ। ବ୍ୟସ୍ତବହୁଳ କର୍ମମୟ ଜୀବନରେ, ଯେବେ ବି ସମୟ ମିଳେ ଆମେ ଏକାଠି ବସୁ। ପରିବାର ଆମ ସଭିଁଙ୍କୁ ପ୍ରେରଣା ଦିଏ। ଅସମୟରେ, ଦୁଃସମୟରେ ଆମ ସାଙ୍ଗରେ ଛିଡ଼ା ହୁଏ। ବନ୍ଧୁମାନେ ବି। ମୋର ପଞ୍ଚମ ଶ୍ରେଣୀର ବନ୍ଧୁମାନେ ଆମ ସହିତ ମିଶିବାକୁ ବ୍ରହ୍ମପୁର ଆସିଛନ୍ତି। ଯାଠୁ ବଡ଼ ଆନନ୍ଦର ମୁହୂର୍ତ୍ତ ଆଉ କଣ ବା ହେଇପାରେ !

**୩. ପ୍ରଶ୍ନ - ଆପଣଙ୍କ ବ୍ୟକ୍ତିଗତ ରୁଚି ଯେମିତି ସିନେମା, ଯେମିତି କ୍ରୀଡ଼ା, ସେ ବିଷୟରେ କିଛି କୁହନ୍ତୁ? ଆପଣଙ୍କ ଜୀବନର ମୂଲ୍ୟବୋଧ କ'ଣ?**

ଉତ୍ତର - ଆମ ପିଲାଦିନ ଭାରି ଫାଙ୍କା ଥିଲା । ଖେଳିବା ପାଇଁ ପ୍ରଚୁର ସମୟ ମିଳୁଥିଲା। ଟେବୁଲ୍ ଟେନିସ ଖେଳେ, କ୍ୟାରମ୍ ଖେଳେ, ଫୁଟବଲ୍ ବି ଖେଳେ। ଟାଟା ପାୱାରକୁ ଆସିବା ପରେ ଟେବୁଲ ଟେନିସ ଓ ସ୍ନୁକର ପ୍ରତି ଆଗ୍ରହ ବଢ଼ିଲା । ମରାଠୀ ଏବଂ ବଲିଉଡ ଗୀତକୁ ନେଇ ଆମ ଘରେ ସକାଳ ଆରମ୍ଭ ହୁଏ। ମହମ୍ମଦ ରଫି, ଆଶା ଭୋସଲେଙ୍କୁ ମୁଁ ଅନେକ ସମୟରେ ଗୁଣୁଗୁଣାଉ ଥାଏ। ସିନେମା ଦେଖିବା ମୋର ଗୋଟିଏ ପସନ୍ଦିଆ ରୁଚି। ତା' ଭିତରୁ ଅମିତାଭ ବଚ୍ଚନ ଓ ଦୀପିକା ପାଦୁକୋନ ବେଶି ପସନ୍ଦିଆ।

ଜୀବନର ମୂଲ୍ୟବୋଧ ସମ୍ପର୍କରେ କହିବି; ମଣିଷ ମଧ୍ୟରେ ସଂଯମତା ରହିବା ଦରକାର, ଭାଗ୍ୟ ଉପରେ ନୁହେଁ ବରଂ ନିଜ ଉପରେ ଅଖଣ୍ଡ ବିଶ୍ୱାସ ରହିବା ଉଚିତ । ଏହାସହ ଜୀବନ ଶୃଙ୍ଖଳିତ ରହିବା ଏକ ବଡ଼ ଉପଲବ୍ଧି । ଗଲା ୨୦ ବର୍ଷ ଧରି ମୁଁ ମୋ କାରର ହର୍ଣ୍ଣ ବଜାଇନି, ଏପରିକି ବ୍ରହ୍ମପୁର ଭଳି ବ୍ୟସ୍ତ ସହରରେ ମଧ୍ୟ ନୁହେଁ । ସେମିତି ଶୃଙ୍ଖଳିତ ଢଙ୍ଗରେ ମୁଁ ଗାଡ଼ି ଚଳାଏ। ସେହିଭଳି ଭବିଷ୍ୟତକୁ ଆମେ କେହି ଦେଖିନାହେଁ । ତେଣୁ ସେ ସମ୍ପର୍କରେ ଚିନ୍ତା କରି ଉତ୍ସାହିତ ହେବା କିମ୍ବା ଅସ୍ତବ୍ୟସ୍ତ ହେବା ନିରର୍ଥକ । ଆମେ ମଣିଷର ମସ୍ତିଷ୍କ ଓ ଶରୀରକୁ ଯେତେ ଅଧିକା ବୁଝିବାକୁ ଚେଷ୍ଟା କରିବା, ଜଗତର ସ୍ରଷ୍ଟାଙ୍କ ଉପରେ ଆମର ବିଶ୍ୱାସ ସେତେ ଅଧିକ ଦୃଢ ହେବ ।

**୪. ପ୍ରଶ୍ନ - ଆପଣ ପୁରୁଣା ଓ ନୂଆ ସମୟ ଉଭୟକୁ ଦେଖିଛନ୍ତି । ଏବେ ବୈଷୟିକ ବିଜ୍ଞାନ ବିଜୁଳି କ୍ଷେତ୍ରରେ କେମିତି ପରିବର୍ତ୍ତନ ଆଣିପାରିବ?**

ଉତ୍ତର - ସମସ୍ୟାର ସମାଧାନ ତ ବୈଷୟିକ ବିଦ୍ୟାରେ ରହିଛି। ବୈଷୟିକ ବିଦ୍ୟାର ରୂପାନ୍ତରଣ କରିବାର ଶକ୍ତିକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ । ଟାଟା ପାୱାର ଆରମ୍ଭ ଦିନୁ ବୈଷୟିକ ବିଦ୍ୟା ପ୍ରୟୋଗ କରିଆସିଛି। ଯାହା ଫଳରେ ଲୋକଙ୍କ ପାଖରେ ସେବା ପହଞ୍ଚାଇବା ସହଜ ହୋଇଛି। ପ୍ରାରମ୍ଭିକ ସ୍ତରରୁ ପ୍ରଯୁକ୍ତିବିଦ୍ୟା, ସ୍କାଡା ଓ ଜିଆଇଏସର କାର୍ଯ୍ୟକାରିତା ହିଁ ଆମକୁ ଆଗରେ ରଖିଛି । ମୋର ବିଶ୍ୱାସ ଯେ, ଓଡ଼ିଶାରେ କମ୍ପାନୀର ସଫଳତା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ତଥା କାର୍ଯ୍ୟକାରିତା ଉପରେ ନିର୍ଭରଶୀଳ । କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଇମେଜ ପ୍ରୋସେସିଂ ଓ ଗ୍ରାହକ ଅନୁଭୂତିକୁ ଭଲ କରିବା ପାଇଁ ଡିଜିଟାଲ ମାଧ୍ୟମର ପ୍ରୟୋଗ ନେଇ ଗୁରୁତ୍ୱ ଦିଆଯାଉଛି ।

**୫. ପ୍ରଶ୍ନ - ଓଡ଼ିଶାକୁ ଆପଣ କେମିତି ବର୍ଣ୍ଣନା କରିବେ? ଏଠି ଆପଣ ଦୀର୍ଘ ଦିନ ରହିଲେଣି। କେମିତି ଅନୁଭବ ହୁଏ ଓଡ଼ିଶା?**

ଉତ୍ତର - ପୁରୀ ଓ କୋଣାର୍କ ବୁଲିଯିବା ମୋର ମନେ ଅଛି । ଯଦିଓ ସେତେବେଳେ ମୁଁ ଛୋଟ ଥିଲି, ତଥାପି ସେ ସ୍ମୃତି ସତେଜ । କୋଣାର୍କ ଚକ୍ର ପାଖରେ ମୁଁ ଓ ମାଆ ଠିଆ ହୋଇଥିବାର ଏକ ଫଟୋଚିତ୍ର ମୋ ଘର କାନ୍ଥରେ ଟଙ୍ଗା ହୋଇଛି । ୨୦୦୦ ମସିହାରେ ନରାଜଠାରେ ଥିବା ତାପଜ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ମୁଁ ସାମିଲ ଥିଲି । ଏଣୁ ଓଡିଶା ପାଇଁ ମୋ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହାର ପ୍ରାକୃତିକ ପରିବେଶ, ମନ୍ଦିର, ବେଳାଭୂମି ଓ ସବୁଜିମା; ଚମତ୍କାର । ଏଠାକାର ଲୋକେ ମେଳାପୀ ଓ ସ୍ନେହୀ । ଆତିଥ୍ୟ ପ୍ରଦାନ କରିବା ଓଡ଼ିଆଙ୍କ ପରମ୍ପରାର ଅଂଶ । ଓଡିଶା ଲୋକଙ୍କର ନମ୍ର ବ୍ୟବହାର ଏଠାରେ କାମ କରିବାର ଅନୁଭୂତିକୁ ଅବିସ୍ମରଣୀୟ କରି ରଖିବ ।

# Operational Excellence

## କର୍ମକ୍ଷେତ୍ରରେ କୁଶଳତା ଓ ସୁରକ୍ଷାକୁ ପ୍ରାଥମିକତା: ( HoTT)

କାମରେ କୁଶଳତା ଆଉ ସେବା ଯୋଗାଣରେ ସୁରକ୍ଷା। ଏହି ଦୁଇଟି ବିଷୟ ପ୍ରତି ଧ୍ୟାନ ଦେଇଆସିଛି ଟିପିଏସ୍‌ଓଡିଏଲ୍। ବିଦ୍ୟୁତ କର୍ମଚାରୀ ନିଜ ଦାୟିତ୍ୱ ତୁଲାଇବା ସମୟରେ ସୁରକ୍ଷା ଦିଗ ପ୍ରତି ସଚେତନ ହେବା ଉଚିତ୍। ଏଥିପାଇଁ ଉପଯୁକ୍ତ ତାଲିମର ଆବଶ୍ୟକତା ରହିଛି। ଏହାକୁ ପୂରଣ କରିବା ପାଇଁ କମ୍ପାନୀ ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର ତିଆରି କରିଛି। ଟିପିଏସ୍‌ଓଡିଏଲ୍ ସୁରକ୍ଷା ଓ ଦକ୍ଷତା ବିକାଶ ପ୍ରତିଷ୍ଠାନ (ଟିଏସଏସଡିଆଇ) ଉଦ୍ୟମରେ ତିଆରି ହୋଇଥିବା ଏହି ପ୍ରଶିକ୍ଷଣ କେନ୍ଦ୍ରକୁ ସିଇଓ ଶ୍ରୀ ଅମିତ ଗର୍ଗ ଉଦଘାଟନ କରିଛନ୍ତି। କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ପଦ୍ଧତି ଅବଲମ୍ବନ କରିବା ସମ୍ପର୍କରେ କମ୍ପାନୀର ସମସ୍ତ ନୂଆ-ପୁରୁଣା କର୍ମଚାରୀମାନେ ଏଠାରେ ତାଲିମ ନେବେ । ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ଥିବା ଅଭ୍ୟାସ କ୍ଷେତ୍ରରେ ତାଲିମପ୍ରାପ୍ତ କର୍ମଚାରୀ ନୂତନ ଜ୍ଞାନକୌଶଳ ତଥା ସୁରକ୍ଷା ପ୍ରଣାଳୀର ବ୍ୟାବହାରିକ ପ୍ରୟୋଗ କରିପାରିବେ। ପ୍ରଶିକ୍ଷଣ କେନ୍ଦ୍ର ପରିସରର କାନ୍ଥରେ ସୃଜନାତ୍ମକ ଶୈଳୀରେ ଭଳିକି ଭଳି ଚିତ୍ର ଆଙ୍କି ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯାଉଛି। କେବଳ ଚିତ୍ର ନୁହେଁ, ଗପ ମାଧ୍ୟମରେ ବି ସୁରକ୍ଷା ବାର୍ତ୍ତା ବାଣ୍ଟିବା ପାଇଁ "ଜହ୍ନ ମାମୁଁ" ଗଳ୍ପ ପୁସ୍ତିକା ପ୍ରସ୍ତୁତ କରାଯାଇଛି। ଏସବୁ ପଦକ୍ଷେପ ସାହାଯ୍ୟରେ ଆମେ "ମିଶନ ଜିରୋ ହାର୍ମ" ଲକ୍ଷ୍ୟ ପୂରଣ ପଥେ ଅଗ୍ରସର ହେଉଛୁ।



## Smart Monitoring: TPSODL's Thermo Vision

The Aska Circle STS-Protection team employs thermal imaging cameras across the circle to monitor the condition of critical electrical equipment safely and precisely. These cameras prevent sudden halts by regularly monitoring equipment at certain intervals and resolving identified hotspots. The thermal cameras convert emitted radiation levels into two-dimensional pictures, highlighting contrasting energy levels. Typically, electrical faults display a temperature rise, aiding in fault identification. This change in temperature expedites the repair process. Furthermore, the images are directly uploaded to the cloud for further study and monitoring, ensuring quick detection of electrical faults and reliable power supply to our consumers.





## 5 MVA PTR Mitigation at Ankuli PSS

- **More than 3000 consumers and nearby industrial area will be benefited by getting reliable power supply.**
- **Load of NH-Ankuli Feeder can be diverted to this PTR in case of any power failure in Goodshed PSS leading to continuous power supply in this area.**

# Event Hub

## ସ୍ମୃତି ବିଦାୟର...




ବିଚ୍ଛେଦ ସମସ୍ତଙ୍କ ଜୀବନରେ ଆସେ । ଏକଥା ଆମେ ସମସ୍ତେ ଜାଣୁ, ତଥାପି ବିଦାୟ କାହାରିକୁ ସହଜରେ ହଜମ ହୁଏନି । ମଣିଷ ନିଜ କର୍ମମୟ ଜୀବନରୁ ବିରତି ନେବା ବେଳେ ଭାବପ୍ରବଣ ହୋଇଉଠେ । ଆମେ ଏହି ଭାବପ୍ରବଣତାକୁ ସମ୍ମାନ କରୁ । ଆମ ସହ ଯୋଡି ହୋଇଥିବା କର୍ମଚାରୀଙ୍କ ଅବସରକୁ ଆମେ ଏକ ଉତ୍ସବର ମାହୋଲ ଦେଉ । କର୍ମକ୍ଷେତ୍ର ପ୍ରତି ତାଙ୍କର ନିଷ୍ଠା ଓ କମ୍ପାନୀ ପ୍ରତି ତାଙ୍କର ଅବଦାନକୁ ଚିର ସ୍ମରଣୀୟ ରଖିବା ପାଇଁ ଆମେ ପାଳନ କରୁଛୁ 'ଚଲତେ ଚଲତେ' କାର୍ଯ୍ୟକ୍ରମ । ନଭେମ୍ବର ମାସର ଏହି କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗଙ୍କ ଉପସ୍ଥିତିରେ ଦୁଇ ଜଣ କର୍ମଚାରୀ ଅବସର ନେଇଛନ୍ତି ।

## TPSODL Promotes Safety Culture with "Suraksha Padayatra"




Inculcating the Value of Electrical Safety TPSODL organized "Suraksha Padayatra" across its corporate and divisional offices with a theme "Think Safe, Work Safe, Be Safe". Around 3000 Volunteers participated in the campaign spreading awareness on electrical safety. Held in the corporate office and 19 division offices this showcased TPSODL's commitment towards its "mission Zero harm".

## TPSODL Employees showcased athletic spirit in the Annual Badminton Competition



TPSODL organised its much-awaited Annual Badminton and tennis tournament. Employees from various departments participate transcending hierarchical boundaries and creating an atmosphere of inclusivity and a lively arena of sportsmanship and camaraderie. Shuttlecocks echoed throughout the hall as Badminton winners from 6 circles came together for one last and final showdown.

Congratulations to the winners, **Shubhranshu Shekhar Sahu** (winner of Men single), **Rashmi Sahu** (Winner of Women single) **Santosh Kumar Sahoo** and **Lakshmikanta Mandal** (winners of Men's double), **Kristna Kumari Jena** and **Sandhya Rani Behera** (winners of Women's double) and **Kristna Kumari Jena** and **Amit Ranjan Ghose** (winners of Mix double).

## ଉତ୍କର୍ଷତାର ସର୍ବୋଚ୍ଚ ମନ୍ତ୍ର 'ଗୁଣବତ୍ତା'

ନିଜର ଉତ୍କର୍ଷ ଯାତ୍ରାକୁ ଜାରି ରଖି 'ଗୁଣବତ୍ତା ମାସ' ପାଳନ କରିଛି ଟିପିଏସ୍ଓଡିଏଲ୍ ପ୍ରତି ବର୍ଷ ନଭେମ୍ବର ମାସ ୨ୟ ଗୁରୁବାରକୁ "ବିଶ୍ୱ ଗୁଣବତ୍ତା ଦିବସ" ଭାବେ ପାଳନ କରାଯାଏ । ଏଣୁ କମ୍ପାନୀ ପକ୍ଷରୁ ନଭେମ୍ବର ପହିଲାରୁ 'ଗୁଣବତ୍ତା ମାସ' ଆରମ୍ଭ ହୋଇ ମାସ ତମାମ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। କର୍ମଚାରୀଙ୍କୁ ଗୁଣାତ୍ମକ ସେବା ପ୍ରଦାନ ସମ୍ପର୍କିତ ପ୍ରଶିକ୍ଷଣ ନିମନ୍ତେ ଆଇଏମଏସ ଇଣ୍ଟରନାଲ ଅଡିଟର ଟ୍ରେନିଂ ପ୍ରୋଗ୍ରାମ, କୁଇଜ୍, ଗୁଣବତ୍ତା ସମ୍ପର୍କିତ ସ୍ଲୋଗାନ, ପୋଷ୍ଟର ଓ ପ୍ରବନ୍ଧ ପ୍ରତିଯୋଗିତା ସମେତ ପ୍ରକ୍ରିୟା ଉନ୍ନତିକରଣ ଓ ୫-ଏସ୍ ଉନ୍ନତିକରଣ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ଏହା କମ୍ପାନୀର କାର୍ଯ୍ୟଶୈଳୀରେ ଗୁଣବତ୍ତାକୁ ପ୍ରୋତ୍ସାହିତ କରିବା ସହ ସମସ୍ତଙ୍କ ମଧ୍ୟରେ ଏ ସମ୍ପର୍କିତ ସଚେତନତା ସୃଷ୍ଟି କରିବାରେ ସଫଳ ହୋଇପାରିଛି ।



## Consumer Connect

# ଦୁର୍ନୀତି ନିବାରଣ ମାସ ପାଳିତ



"ଦୁର୍ନୀତିକୁ ନା କୁହନ୍ତୁ, ଦେଶ ପାଇଁ ପ୍ରତିବଦ୍ଧ ହୁଅନ୍ତୁ " - ଏହି ଆଦର୍ଶରେ ପ୍ରେରିତ ହୋଇ ଟିପିଏସ୍ଓଡ଼ିଏଲ୍ ପକ୍ଷରୁ ଅକ୍ଟୋବର ୩୦ରୁ ନଭେମ୍ବର ୫ ଯାଏଁ ପାଳନ କରାଯାଇଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ। ଏହି ଅବସରରେ କମ୍ପାନୀର କର୍ମଚାରୀମାନେ ନୈତିକ କାର୍ଯ୍ୟଶୈଳୀ ଆପଣେଇବା ସହ କର୍ମକ୍ଷେତ୍ରରେ କୌଣସି ପ୍ରକାରେ ଦୁର୍ନୀତି ଓ ବେଆଇନ କାର୍ଯ୍ୟକଳାପ ସହ ସାଲିସ କରାଯିବ ନାହିଁ ବୋଲି ସଂକଳ୍ପ କରିଥିଲେ। ଦୁର୍ନୀତି ନିବାରଣ ସପ୍ତାହକୁ ପାଳନ କରିବା ପାଇଁ ମାସ ବ୍ୟାପି କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ଏହି କ୍ରମରେ କର୍ପୋରେଟ ଅଫିସ ସମେତ ଆମର ବିଭିନ୍ନ ସର୍କଲରେ ଦୁର୍ନୀତି ନିବାରଣ ବାର୍ତ୍ତା ବାଣ୍ଟିବା ପାଇଁ ଷ୍ଟାଣ୍ଡି ଓ ବ୍ୟାନର ଇତ୍ୟାଦି ଲଗାଯାଇଥିଲା । ଦୁର୍ନୀତି ନିବାରଣ ସଚେତନତା ଅଭିଯାନରେ କମ୍ପାନୀ ବିଭିନ୍ନ ଗ୍ରାମ ପଞ୍ଚାୟତରେ ପଥପ୍ରାନ୍ତ ନାଟକ, ଆଲୋଚନା ଚକ୍ର ଓ ଶିବିର ଆୟୋଜନ କରିଛି। ଏହା ସହ ଦୁର୍ନୀତି ନିବାରଣ ପାଇଁ ଆବଶ୍ୟକୀୟ ତଦନ୍ତ ପଦ୍ଧତି ସମ୍ପର୍କିତ ଏକ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଥିଲା।

## ଟିପିଏସ୍ଓଡିଏଲ୍ ଓ ଏସବିଆଇ ମଧ୍ୟରେ ବୁଝାମଣା

ଡିଜିଟାଲ ଯୁଗରେ ସବୁ କାମ ସହଜରେ ହୋଇପାରୁଥିବା ବେଳେ ବିଦ୍ୟୁତ ଦେୟ ମଧ୍ୟ ଡିଜିଟାଲ ମାଧ୍ୟମରେ ପୈଠ କରାଯାଇପାରିବ। ଏହାକୁ ସଫଳ କରିବା ପାଇଁ ଟିପିଏସ୍ଓଡିଏଲ୍ ନୂଆ ପଦକ୍ଷେପ ନେଇଛି। ଭାରତ ବିଲ୍ ପେମେଣ୍ଟ ସିଷ୍ଟମ ମାଧ୍ୟମରେ ବିଦ୍ୟୁତ ଦେୟ ସଂଗ୍ରହ କରିବା ଦିଗରେ ଟିପିଏସ୍ଓଡିଏଲ୍ ଷ୍ଟେଟ ବ୍ୟାଙ୍କ ଅଫ



ଇଣ୍ଡିଆ ସହ ବୁଝାମଣା କରିଛି। ଟିପିଏସ୍ଓଡିଏଲର ପରିଚାଳନା ପରିସର ଅନ୍ତର୍ଭୁକ୍ତ ୮ଟି ଜିଲ୍ଲାରେ ଏସବିଆଇର ୨୪୫ଟି ବ୍ରାଞ୍ଚ ଏବଂ ୧୭୫୨ଟି କମନ୍ ସର୍ଭିସ୍ ପଏଣ୍ଟଗୁଡ଼ିକୁ ଉପଯୋଗ କରି ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ନେଇ କମ୍ପାନୀ ଲକ୍ଷ୍ୟ ରଖିଛି। ଉପଭୋକ୍ତାଙ୍କ ପାଇଁ ନେଣ-ଦେଣରେ ସୁବିଧା ଏବଂ ବିଦ୍ୟୁତ ଶକ୍ତି କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳ ବିକାଶ ଦିଗରେ ଟିପିଏସ୍ଓଡିଏଲ୍ ଓ ଏସବିଆଇ ମଧ୍ୟରେ ହୋଇଥିବା ବୁଝାମଣା ଏକ ମାଇଲଖୁଣ୍ଟ। ଫଳରେ ଦକ୍ଷିଣ ଓଡ଼ିଶାର ଉପଭୋକ୍ତାମାନେ ସୁବିଧାରେ ଡିଜିଟାଲ ପେମେଣ୍ଟ କରିପାରିବେ।






Executives at Customer Relation Centre, Berhampur

# ଗ୍ରାମାଞ୍ଚଳ ଜୀବନଧାରାକୁ ସହଜ କରୁଛି ଡିଜିଟାଲ ସାକ୍ଷରତା ଅଭିଯାନ

ଡିଜିଟାଲ ! ଏହା ହେଉଛି ବର୍ତ୍ତମାନ ସମୟର ପରିଚୟ । ଲୋକେ ଚିଠି ବାକ୍ସର ଯୁଗରୁ ଆସି ଚାଟ୍ ବକ୍ସ ଯୁଗରେ ପହଞ୍ଚିଲେଣି । ଏ.ଆଇ ଟୁଲ୍ ବ୍ୟବହାରରେ ନ୍ୟୁଜ୍ ପରିବେଷଣ ମଧ ହେଲାଣି ।  ଡିଜିଟାଲ ସାକ୍ଷରତାରେ ନିପୁଣ ହେବା ଏବେ ସମୟର ଆବଶ୍ୟକତା । ଏଣୁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) କାର୍ଯ୍ୟକ୍ରମ ମାଧମରେ ଆମ କମ୍ପାନୀ ଡିଜିଟାଲ ଶିକ୍ଷା ଦିଗରେ କାମ କରୁଛି  । ଗ୍ରାମୀଣ ଜନସାଧାରଣଙ୍କୁ ଡିଜିଟାଲ ସାକ୍ଷରତା ପ୍ରଦାନ ଦିଗରେ ଧ୍ୟାନ କେନ୍ଦ୍ରୀଭୂତ କରିଛି ।




ଗ୍ରାମୀଣ କ୍ଷେତ୍ରରେ ଡିଜିଟାଲ ସାକ୍ଷରତାରେ ଲୋକଙ୍କୁ ସାମିଲ କରାଯାଉଛି । ପାଖାପାଖି ୧୦୦ରୁ ଅଧିକ ଗ୍ରାମପଞ୍ଚାୟତକୁ ଚିହ୍ନଟ କରି ଡିଜିଟାଲ ପେମେଣ୍ଟ କିପରି ହୁଏ, ନୂତନ ଟେକ୍ନୋଲୋଜିର ବ୍ୟବହାର, ଇଣ୍ଟରନେଟ୍ ବ୍ୟବହାର, ଚାକିରି ପାଇଁ ଆବେଦନ କରିବା ସହ ଲୋକେ ଏହାର ଲାଭ କିପରି ଉଠେଇବେ, ଏହି ସମସ୍ତ ବିଷୟବସ୍ତୁ ଉପରେ  ସିଏସ୍ଆର ଟିମ୍ ଗାଁ ଗାଁରେ ପ୍ରଶିକ୍ଷଣ ଦେଉଛି ।




ବିଭିନ୍ନ ଗ୍ରାମାଞ୍ଚଳର ଯୁବକ ଯୁବତୀ, କଲେଜ ଛାତ୍ରଛାତ୍ରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ପ୍ରୋଜେକ୍ଟର ମାଧମରେ ଲୋକଙ୍କ ସାମ୍ନାରେ ବିଷୟବସ୍ତୁ ଉପସ୍ଥାପନା କରାଯାଉଛି । ଶ୍ରେଣୀ ଗୃହ ଅଧିବେଶନ ଦ୍ୱାରା ଡିଜିଟାଲ ପ୍ରଯୁକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି । ଏହି ଅଭିନବ ପ୍ରୟାସ ଜରିଆରେ କମ୍ପାନୀ ସାଧାରଣ ଲୋକଙ୍କୁ ଡିଜିଟାଲ ଦୁନିଆ ସହ ଯୋଡିବାକୁ ଉଦ୍ୟମ କରୁଛି । ଏହା ସହ ଅନଲାଇନ ମାଧମରେ ଡିଜିଟାଲ ଆପ୍ଲିକେସନ ବ୍ୟବହାର କରି ବିଦ୍ୟୁତ ଦେୟ ପୈଠ କରିବା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରାଯାଉଛି । ନଭେମ୍ବର ମାସରେ ପାଖାପାଖି ୪୦ ଗ୍ରାମ ପଞ୍ଚାୟତର ୧୭,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଡିଜିଟାଲ ସାକ୍ଷରତା ପ୍ରଦାନ କରାଯାଇଛି । ଲୋକଙ୍କୁ ଡିଜିଟାଲ ସକ୍ଷମ କରେଇବା ପାଇଁ ଟିପିଏସ୍ଓଡିଏଲର ସିଏସ୍ଆର ଟିମ୍ ପ୍ରତିବଦ୍ଧ ।

ଡିଜିଟାଲ ସାକ୍ଷରତା ଅଭିଯାନର ସୁପ୍ରଭାବ ସାଧାରଣ ଜନ ଜୀବନ ଉପରେ ପଡୁଛି । ସରକାରଙ୍କର ଅନେକ ଯୋଜନା  ସମ୍ପର୍କରେ ପ୍ରକୃତ ହିତାଧିକାରୀମାନେ ଅବଗତ ହୋଇପାରୁନଥିଲେ । କମ୍ପାନୀ ଲୋକମାନଙ୍କୁ ଏହି ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଉଛି । ଅନଲାଇନ ଯୋଗେ କିଭଳି ଆବେଦନ କରାଯିବ ଓ ଲୋକଙ୍କୁ ମୁଖ୍ୟ ସ୍ରୋତ ସହ ଯୋଡ଼ା ଯିବ, କମ୍ପାନୀ ସେହି ଦିଗରେ କାମ କରୁଛି । ଡିଜିଟାଲ ସାକ୍ଷରତା ଜୀବନ ଧାରାକୁ କିଭଳି ଅଧିକ ସହଜ କରିପାରିବ ସେନେଇ ଟିପିଏସ୍ଓଡିଏଲ୍ ଯତ୍ନବାନ ରହିଛି ।



# ପୂର୍ବଘାଟର ରୂପ-ରହସ୍ୟ "ମହେନ୍ଦ୍ରଗିରି"



**"ଏତେ ଦିନେ ହେଲା ମୋ ନେତ୍ର ଗୋଚର**
**ଉକ୍ଳ ମଣ୍ଡଳେ ଶିଖରି ଶେଖର,**
**ମହୀୟାନ ଏହି ମହେନ୍ଦ୍ର ପର୍ବତ**
**ଅବୟବ ଯା'ର ଭୀମ ହୈମବତ "**

ମହେନ୍ଦ୍ର ପର୍ବତର ଅପୂର୍ବ ଶୋଭାରାଜିକୁ ବର୍ଣ୍ଣନା କରିବାକୁ ଯାଇ ଏଭଳି ଲେଖିଛନ୍ତି କବିବର ରାଧାନାଥ ରାୟ । ମହେନ୍ଦ୍ରଗିରିର ସୌନ୍ଦର୍ଯ୍ୟ ଏମିତି ଅନେକ କବି,ଭାବୁକ,ଐତିହାସିକ ଏବଂ ପ୍ରକୃତି ପ୍ରେମୀଙ୍କୁ ବିସ୍ମିତ କରିପାରିଛି ।

ମହେନ୍ଦ୍ରଗିରି - ପୂର୍ବଘାଟ ପର୍ବତମାଳାର ଦ୍ୱିତୀୟ ଉଚ୍ଚତମ ଶୃଙ୍ଗ। ଗଜପତି ଜିଲ୍ଲାର ମୁଖ୍ୟ ସଦର ମହକୁମା ପାରଳାଖେମୁଣ୍ଡି ସହରରୁ ୫୫ କିମି ଦୂରରେ ଏହାର ଅବସ୍ଥିତି। ମହାଭାରତ ଓ ମାର୍କଣ୍ଡେୟ ପୁରାଣ ବର୍ଣ୍ଣିତ ସପ୍ତଗିରି ମଧ୍ୟରେ ଅନ୍ୟତମ ମହେନ୍ଦ୍ର ପର୍ବତ। ନିଘଞ୍ଚ



ବନାନୀରେ ପରିପୂର୍ଣ୍ଣ ମହେନ୍ଦ୍ରଗିରି; ପ୍ରାକୃତିକ ଶୋଭାର ଏକ ଅପୂର୍ବ ଭଣ୍ଡାର। ଏହାର ଇତିହାସ ଯେପରି ସମୃଦ୍ଧ, ପ୍ରାକୃତିକ ଦୃଶ୍ୟ ସେହିପରି ମନୋରମ। ଏହାସହ ନାନା ପ୍ରକାର ଔଷଧୀୟ ବୃକ୍ଷରାଜି ଓ ଜୀବଜନ୍ତୁରେ ପରିପୂର୍ଣ୍ଣ।

ସମୁଦ୍ର ପତ୍ତନରୁ ପ୍ରାୟ ୪୯୨୩ ଫୁଟ ବା ୧୪୯୦ ମିଟର ଉଚ୍ଚତା ବିଶିଷ୍ଟ ମହେନ୍ଦ୍ରଗିରିର ଶିଖରଦେଶରେ ସବୁ ସମୟରେ କମ ତାପମାତ୍ରା ଥାଏ। ନିଦାଘରେ ତାପ ସନ୍ତପ୍ତ କ୍ଳାନ୍ତ ଅବିଶ୍ରାନ୍ତ ମହେନ୍ଦ୍ର ଯାତ୍ରୀ ଏଠାରେ ଉପଭୋଗ କରେ ସୁଶୀତଳ ମୃଦୁ ମଳୟର ସ୍ପର୍ଶକୁ। କିଛି କ୍ଷଣ ଖରା, ତା' ପରେ ପୁଣି ଛାଇ। ଏସବୁ ମହେନ୍ଦ୍ରଗିରିର ନିତିଦିନିଆ କଥା। ମହେନ୍ଦ୍ର ଚୂଡ଼ାରେ ଛାଇ ଆଲୁଅର ଏହି ଖେଳ ପର୍ଯ୍ୟଟକଙ୍କୁ ବିଭୋର କରିପକାଏ।

ମହେନ୍ଦ୍ର ଶିଖରରୁ ସୂର୍ଯ୍ୟୋଦୟର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଓ ବର୍ଣ୍ଣାଢ଼୍ୟ। ସିନ୍ଦୂରା ଫାଟି ପୂର୍ବ ଆକାଶରେ ବାଳସୂର୍ଯ୍ୟ ଘେନି ଆସନ୍ତି ସୁନେଲି କିରଣ, ତା ସାଙ୍ଗକୁ ସବୁଜ ଅରଣ୍ୟ ଓ ନୀଳ ଆକାଶରେ ଶୁଭ୍ର ଭାସମାନ ମେଘଖଣ୍ଡ; ଏସବୁର ଅପୂର୍ବ ସଂଯୋଗ ବାନ୍ଧି ନିଏ ପର୍ଯ୍ୟଟକର ହୃଦୟକୁ । ଠିକ ସେମିତି, ମହେନ୍ଦ୍ର ଚୂଡ଼ାରେ ଅପରାହ୍ଣ ମେଘଖଣ୍ଡର ଦୃଶ୍ୟ ହୃଦୟ ଉପରେ ଏକ ବିରାଟ ବିଜୟାଭିଯାନ ଭଳି ।

ଶ୍ରୀହରିଙ୍କ ଷଷ୍ଠ ଅବତାର ପର୍ଶୁରାମ ଦୀର୍ଘ ୧୨ ବର୍ଷ ଧରି ଏଠାରେ ଘୋର ତପସ୍ୟା କରିଥିଲେ ବୋଲି ଭାଗବତରେ ଉଲ୍ଲେଖ ଅଛି। ମହେନ୍ଦ୍ର ପର୍ବତରେ ଯୁଧିଷ୍ଠିର ମନ୍ଦିର, କୁନ୍ତି ମନ୍ଦିର, ଭୀମ ମନ୍ଦିର, ଦାରୁ ବ୍ରହ୍ମ ମନ୍ଦିର, ଅର୍ଜୁନ ଗୁମ୍ଫା ଅବସ୍ଥିତ। ଏହି ମନ୍ଦିରଗୁଡ଼ିକ ବିଶାଳ ମୁଗୁନି ପଥର ଖଣ୍ଡରେ ନିର୍ମିତ ହୋଇଛି। ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଗଙ୍ଗବଂଶୀୟ ରାଜାମାନେ ମହେନ୍ଦ୍ର ଶିଖରରେ ଗୋକର୍ଣ୍ଣେଶ୍ୱର ମହାଦେବଙ୍କୁ ଆରାଧନା କରିବା ଆରମ୍ଭ କରିଥିଲେ। ମହାଶିବରାତ୍ରିରେ ଏହି ତୀର୍ଥ କ୍ଷେତ୍ରରେ ଉଜାଗର ପାଳନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ପର୍ବତାରୋହଣ କରନ୍ତି।

# IN NEWS



## ଆସିକାରେ ଟିପିଏସ୍ଓଡିଏଲ୍‌ର ୬ଷ୍ଠ ଗ୍ରାହକ ସମ୍ପର୍କ କେନ୍ଦ୍ର

## ଯୋଗୀନ୍ଦ୍ରଙ୍କ ସଂଘର୍ଷ ଓ ସଫଳତାର କାହାଣୀ

## ସଂଘର୍ଷ ଓ ସଫଳତାର ଅନ୍ୟ ନାମ ଯୋଗୀନ୍ଦ୍ର

## टीपीएस ओडीएल ने आस्का में अपना छठा ग्राहक संबंध केंद्र लॉन्च किया

## ଟିପିଏସ୍ଓଡିଏଲ୍ ପକ୍ଷରୁ ଶିଶୁ ଦିବସ ପାଳିତ

## ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ

## ଟିପିଏସ୍ଓଡିଏଲ୍-ଏସ୍‌ବିଆଇ ବୁଝାମଣା

## TPSODL observes National Unity Day

BERHAMPUR: TP Southern Odisha Distribution Limited (TPSODL) on Tuesday organized a collective oath-taking ceremony at its corporate office here on the occasion of National Unity Day, the birth anniversary of Sardar Vallabhbhai Patel, the first Home Minister of independent India, who played a crucial role in the unification of the nation. The programme was held with the aim to inspire the youth of the country to uphold the values of sacrifice and commitment towards the nation. Officials from different departments of TPSODL took the oath to create awareness and a sense of unity among the people of the nation. TPSODL is also participating in the oath-taking ceremony as part of the nationwide observance of National Unity Day, promoting the spirit of unity and integrity in the country. —PBD

## TPSODL Kicks Off Quality Month, Committing to Excellence

Berhampur, (AOBureau) :: TP Southern Odisha Distribution Limited (TPSODL) proudly embarks on a journey of excellence as it launches "Quality Month." This month-long celebration is dedicated to fostering a culture of quality and rein- … and stakeholders in the domain of Conformity Assessment. TPSODL CEO, Mr. Amit Garg, expressed his enthusiasm for the Quality Month initiative, stating, "As we embark on this journey of excellence, we are committed to fostering a culture of quality that permeates every aspect of our operations. …

## ଟିପିଏସ୍ଓଡିଏଲ୍‌ର ହ୍ୟାଣ୍ଡସ୍-ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର୍ ଉଦ୍‌ଘାଟିତ

### ବିଜୁଳି ସଂଯୋଗ, ମିଟରିଂ ଓ ବିଲିଂ ସଚେତନତା

## ପଞ୍ଚାୟତସ୍ତରରେ ଟିପିଏସ୍ଓଡିଏଲ୍‌ର ଜାଗରଣ ଶିବିର

## TPSODL launches mass communication campaign during Vigilance Awareness Week

The main objective of Shibirs is to educate consumers about the available avenues for filing complaints with TPSODL, which can be done simply by calling the Toll-Free Numbers 1912 or 1800-3456-797 or by emailing their concerns to vigilance@tpsouthernodisha.com. Consumers can also flag their concerns through a dedicated … messages on vans.

The company is also organising essay, poster competition and awareness sessions on Consequences Management as a part of this drive.

Amit Garg, CEO of TPSODL, said, "As we embark on another Vigilance Awareness Week, TPSODL reaffirms its unwavering commitment to the cause of eradicating cor-…

# TPSODL

## TP SOUTHERN ODISHA DISTRIBUTION LIMITED

(A Joint Venture of Tata Power and Government of Odisha)

/TPSODL  @TPSODL  /tp_sodl  @tpsodl  /tpsodl

**Get in Touch With us:**

*corpcomm@tpsouthernodisha.com*